## ଗ୍ରାମୀଣ କୃଷି ମୌସମ ସେବା
## ଭାରତୀୟ ପାଣିପାଗ ବିଭାଗ
## ଓଡିଶା କୃଷି ଓ ବୈଷୟିକ ବିଶ୍ୱ ବିଦ୍ୟାଳୟ
## ଆଞ୍ଚଳିକ ଗବେଷଣା ଓ ପ୍ରଯୁକ୍ତି ବିଦ୍ୟା ପ୍ରସାରଣ କେନ୍ଦ୍ର , ଭବାନୀପାଟଣା, କଳାହାଣ୍ଡି
### (ପଶ୍ଚିମ-ପାହାଡ଼ିଆ କୃଷି ଜଳବାୟୁ ଅଞ୍ଚଳ)

ପତ୍ର ସଂ–୧୪/୨୦୨୬ | ସପ୍ତାହ-୦୭ | ମଙ୍ଗଳବାର, ତାରିଖ-୧୭.୦୨.୨୦୨୬

**ଭବାନୀପାଟନା କୃଷିପାଣିପାଗ କ୍ଷେତ୍ର ୟୁନିଟ ରେ ପୂର୍ବ ସପ୍ତାହରେ ରେକର୍ଡ କରାଯାଇଥିବା ପାଣିପାଗ ସୂଚନା :**

| | |
|---|---|
| ସର୍ବମୋଟ ବୃଷ୍ଟିପାତ (ମିମି) / ବର୍ଷା ଦିନ (୦୧-୦୧-୨୦୨୬ ଠାରୁ) | ୦୦/୦୦ |
| ସାପ୍ତାହିକ ବୃଷ୍ଟିପାତ(ମିମି) / ବର୍ଷା ଦିନ | ୦୦/୦୦ |
| ସାପ୍ତାହିକ ହାରାହାରି ସର୍ବାଧିକ ତାପମାତ୍ରା ($^0$C) | ୩୧.୮ |
| ସାପ୍ତାହିକ ହାରାହାରି ସର୍ବନିମ୍ନ ତାପମାତ୍ରା ($^0$C) | ୧୩.୭ |

**କଳାହାଣ୍ଡି ଜିଲ୍ଲା ପାଇଁ ଆସନ୍ତା ପାଞ୍ଚ ଦିନର ପାଣିପାଗ ପୂର୍ବାନୁମାନ :**

| ଜିଲ୍ଲା | ତାରିଖ | ବର୍ଷାର ପରିମାଣ (ମି.ମି.) | ସର୍ବାଧିକ ତାପମାତ୍ରା ($^0$ସେ.) | ସର୍ବନିମ୍ନ ତାପମାତ୍ରା ($^0$ସେ.) | ଆକାଶରେ ମେଘର ପରିମାଣ (ଅକଟା) | ସର୍ବାଧିକ ଆପେକ୍ଷିକ ଅଦ୍ରତା (%) | ସର୍ବନିମ୍ନ ଆପେକ୍ଷିକ ଅଦ୍ରତା (%) | ପବନର ବେଗ (କି.ମି. ପ୍ରତି ଘଣ୍ଟା ) | ପବନର ଦିଗ (ଡିଗ୍ରୀ) |
|---|---|---|---|---|---|---|---|---|---|
| **କଳାହାଣ୍ଡି** | ୧୮-୦୨-୨୦୨୬ | ୦ | ୩୨ | ୧୪ | ୧ | ୫୯ | ୧୨ | ୪ | ୧୪୯ |
| | ୧୯-୦୨-୨୦୨୬ | ୦ | ୩୩ | ୧୪ | ୧ | ୫୧ | ୧୧ | ୪ | ୧୪୯ |
| | ୨୦-୦୨-୨୦୨୬ | ୦ | ୩୪ | ୧୫ | ୩ | ୪୨ | ୧୨ | ୪ | ୧୪୩ |
| | ୨୧-୦୨-୨୦୨୬ | ୦ | ୩୪ | ୧୬ | ୨ | ୩୫ | ୧୧ | ୪ | ୧୪୯ |
| | ୨୨-୦୨-୨୦୨୬ | ୦ | ୩୫ | ୧୬ | ୨ | ୩୨ | ୧୧ | ୫ | ୧୫୭ |

ଅଧିକ ସୂଚନା ପାଇଁ ପାଣିପାଗ ବିଜ୍ଞାନ କେନ୍ଦ୍ର, ଭୁବନେଶ୍ବର ସହିତ ଯୋଗାଯୋଗ କରନ୍ତୁ ଫୋନ.#୦୬୭୪ - ୨୫୯୬୧୧୬

**ଆଗାମୀ ପାଞ୍ଚ ଦିନର ପାଣିପାଗ ସଂକ୍ଷିପ୍ତସାର/ସତର୍କ ସୂଚନା**

ଭାରତ ପାଣିପାଗ ବିଭାଗର ଉପରୋକ୍ତ ପାଞ୍ଚ ଦିନର ଆକଳନ ଅନୁସାରେ ଆସନ୍ତା ପାଞ୍ଚ ଦିନରେ ଜିଲ୍ଲାରେ ପାଗ ଶୁଖିଲା ରହିବାର ସମ୍ଭାବନା ରହିଛି । ଆଗାମୀ ପାଞ୍ଚ ଦିନରେ ଆକାଶ ମୁଖ୍ୟତଃ ନିର୍ମଳ ରହିବାର ସମ୍ଭାବନା ସହିତ ପବନ ଦକ୍ଷିଣ-ପୂର୍ବ ଦିଗରେ ଘଣ୍ଟା ପ୍ରତି ୦୪ ରୁ ୦୫ କି.ମି. ବେଗରେ ବହିବାର ଆଶଙ୍କା ରହିଛି । ଆସନ୍ତା ପାଞ୍ଚ ଦିନରେ ଦିନର ସର୍ବାଧିକ ତାପମାତ୍ରା ହାରାହାରି ୩୨ ରୁ ୩୫ ଡିଗ୍ରୀ ସେ. ଓ ସର୍ବନିମ୍ନ ତାପମାତ୍ରା ୧୪ ରୁ ୧୬ ଡିଗ୍ରୀ ସେ. ଏବଂ ସର୍ବାଧିକ ଓ ସର୍ବନିମ୍ନ ଆପେକ୍ଷିକ ଆର୍ଦ୍ରତା ଯଥାକ୍ରମେ ୩୨ ରୁ ୫୪ % ଓ ୧୧ ରୁ ୧୨ % ରହିବ ବୋଲି ଆଶଙ୍କା ରହିଛି ।

**ଚେତାବନୀ : ନାହିଁ (ଆସନ୍ତାକାଲି ସକାଳ ୮.୩୦ ପର୍ଯ୍ୟନ୍ତ ବୈଧ) ।**

### କଳାହାଣ୍ଡି ଜିଲ୍ଲା ପାଇଁ ପାଣିପାଗ ଭିତ୍ତିକ କୃଷି ପରାମର୍ଶ

**ସାଧାରଣ ପରାମର୍ଶ**

- ଦୀର୍ଘଦିନ ଧରି ଜିଲ୍ଲାରେ ପାଗ ଶୁଖିଲା ରହିଥିବାରୁ ଚାଷୀ ଭାଇମାନେ ଜମିରେ ମାଟିର ବତର ପ୍ରତି ଧ୍ୟାନ ଦିଅନ୍ତୁ ଏବଂ ଛିଡ଼ା ହେଇଥିବା ଫସଲ ଯଥା ମୁଗ, ବିରି, ଚିନାବାଦାମ, ବୁଟ, ମଟର, ମକା ଇତ୍ୟାଦିରେ ପାଣିର ଅଭାବକୁ ଏଡ଼େଇବା ପାଇଁ ଆବଶ୍ୟକ ମତେ ଜଳସେଚନର ବ୍ୟବସ୍ଥା କରନ୍ତୁ।
- ଜମିରେ ଛିଡ଼ା ହେଇଥିବା ଫସଲ କିମ୍ବା ପନିପରିବା ଚାଷରେ ଘାସ ଦାଉରୁ ସୁରକ୍ଷା ନିମନ୍ତେ କୋଡା ଖୋଷା କରି ଦିଅନ୍ତୁ ଓ ଫସଲରେ ରୋଗ ଓ ପୋକ ର ଉପସ୍ଥିତି କୁ ନିୟମିତ ଯାଞ୍ଚ କରନ୍ତୁ ।
- ଉତ୍ପାଦନ ର ଗୁଣବତ୍ତା ବୃଦ୍ଧି ଓ ପରିବେଶ ସୁରକ୍ଷା ପାଇଁ, ଜୈବ ନିୟନ୍ତ୍ରଣ ଏଜେଣ୍ଟ, ଜୈବିକ ଜୀବନାଶକ, ଫେରୋମୋନ/ଆଲୋକ ଟ୍ରାପ ଇତ୍ୟାଦି ବ୍ୟବହାର କରି ସମନ୍ୱିତ ପୋକ ପରିଚାଳନା (IPM) ଉପାୟ ଅବଲମ୍ବନ କରନ୍ତୁ।
- ଗୃହପାଳିତ ପଶୁ ଯଥା ଗାଈ, ମଇଁଷି, ଛେଳି, ମେଣ୍ଢା ମାନଙ୍କୁ ଫାଟୁଆ, ସାହାଣ, ବଜବଜିଆ, ଛେଳି ମଡ଼କ ଓ ଛେଳି ବସନ୍ତ ଆଦି ରୋଗରୁ ରକ୍ଷା କରିବା ପାଇଁ ଉପଯୁକ୍ତ ସମୟରେ ଟୀକାକରଣ କରନ୍ତୁ।
- ଦିନର ତାପମାତ୍ରା କ୍ରମଶଃ ବୃଦ୍ଧି ପାଉଥିବାରୁ ଗୃହ ପାଳିତ ପଶୁପକ୍ଷୀ ମାନଙ୍କୁ ନିୟମିତ ଭାବେ ପରିଷ୍କାର ପାନୀୟ ଜଳ ପ୍ରଦାନ କରନ୍ତୁ ।

| | |
|---|---|
| **ସଂକ୍ଷିପ୍ତ ବାର୍ତା** | ▪ ଡାଲି ଜାତୀୟ ଫସଲରେ ଫଳଧାରଣ କିମ୍ବା ଛୁଇଁ ଧରିବା ଅବସ୍ଥାରେ ନିଶ୍ଚିତ ଭାବେ ଜଳସେଚନ କରନ୍ତୁ, ନଚେତ ଏହି ଅବସ୍ଥାରେ ଜଳାଭାବ ପ୍ରଭାବରେ ଅମଳ ହ୍ରାସ ଘଟିଥାଏ |
| **ଫସଲ ଓ ପ୍ରାଣୀସମ୍ପଦ ସମ୍ବନ୍ଧୀୟ ପରାମର୍ଶ** | |
| **ଫସଲ (ଅବସ୍ଥା)** | **ପରାମର୍ଶ** |
| **କ୍ଷେତ୍ର ଫସଲ** | |
| ଡାଲୁଅ ଧାନ<br>(ପିଲ ବାହାରିବା ଅବସ୍ଥା) | ▪ ଖାଦ୍ୟସାର ପରିଚାଳନା: ଛଟା ବୁଣା ଧାନରେ ପ୍ରଥମ କିସ୍ତି ସାର ହିସାବରେ ଏକର ପିଛା ୨୪ କି.ଗ୍ରା. ୟୁରିଆ ସାରକୁ ବୁଣିବାର ୨୦ ରୁ ୨୫ ଦିନ ମଧ୍ୟରେ ପ୍ରୟୋଗ କରନ୍ତୁ । ରୁଆ ଧାନ କ୍ଷେତ୍ରରେ ରୋଇବାର ୨୦ ରୁ ୨୫ ଦିନ ମଧ୍ୟରେ ୩୫ କି.ଗ୍ରା. ୟୁରିଆ ସାରକୁ |

| | |
|---|---|
| | ପ୍ରଥମ କିସ୍ତି ସାର ହିସାବରେ ପ୍ରୟୋଗ କରନ୍ତୁ ।<br>▪ **ଘାସ ପରିଚାଳନା:** ଗଜା ପୂର୍ବବର୍ତୀ ଘାସମରା ପ୍ରୟୋଗ କରିନଥିଲେ ଏକର ପିଛା ରୋଇବାର ୮ ରୁ ୧୦ ଦିନ ମଧ୍ୟରେ ୧୦୦ ଗ୍ରାମ ପାଇରାଜୋସଲଫ୍ୟୁରାନ ଇଥାଇଲ ୧୦% ଡବ୍ଲୁ.ପି କିମ୍ବା ରୋଇବାର ୧୫ ରୁ ୨୦ ଦିନ ମଧ୍ୟରେ ୧୨୦ ମିଲିଗ୍ରାମ ବିଶପାଇରିବେକ ସୋଡିୟମ ୧୦% ଏସ.ସି କିମ୍ବା ବୁଣିବା କିମ୍ବା ରୁଆ ର ୨୦ ରୁ ୨୫ ଦିନ ମଧ୍ୟରେ ୩୦୦ ମିଲି ଫେନୋକ୍ସାପ୍ରୋପ ପି ଇଥାଇଲ ୯% ଇସି କୁ ୨୦୦ ଲିଟର ପାଣିରେ ମିଶ୍ରଣ କରି ସିଞ୍ଚନ କରନ୍ତୁ।<br>**ରୋଗ ଓ ପୋକ ପରିଚାଳନା:**<br>▪ **କାଣ୍ଡବିନ୍ଧା ଓ ପତ୍ରମୋଡ଼ା ପୋକ:** କାଣ୍ଡବିନ୍ଧା ଓ ପତ୍ରମୋଡ଼ା ପୋକର ନିରୀକ୍ଷଣ ପାଇଁ ମୁଖ୍ୟ ଜମିରେ ଏକର ପିଛା ୫ ମିଲିଗ୍ରାମ ଲିଓର ବିଶିଷ୍ଟ ୩ ଟି ଫେରୋମୋନ ଟ୍ରାପ ଲଗାନ୍ତୁ । ଯଦି ପୁରୁଷ ପ୍ରଜାପତିର ସଂଖ୍ୟା ଗୋଟିଏ ଦିନରେ ଯନ୍ତା ପ୍ରତି ୪ ରୁ ୫ ହେଇଯିବ ତେବେ ପ୍ରତି ଏକ ଲିଟର ପାଣିରେ ୪ ମିଲିଗ୍ରାମ ଆଜାଡିରକଟିନ୍ ୦.୧୫% ନିମ୍ବ ଜାତୀୟ ଔଷଧ କିମ୍ବା ଦାନାଦାର ଔଷଧ ଭାବରେ ଏକର ପିଛା ୧୦ କି.ଗ୍ରା. କାର୍ଟାପ୍ ହାଇଡ୍ରୋକ୍ଲୋରାଇଡ ୪ଜି କୁ ସମାନ ପରିମାଣର ବାଲି ସହିତ ମିଶାଇ ଜମିରେ ପ୍ରୟୋଗ କରନ୍ତୁ ନଚେତ ଏକର ପିଛା ୬୦ ମିଲି କ୍ଲୋରାନ୍ଟ୍ରାନିଲିପ୍ରୋଲ୍ ୧୮.୫% ଏସ.ସି କୁ ୨୦୦ ଲିଟର ପାଣିରେ ମିଶ୍ରଣ କରି ସିଞ୍ଚନ କରନ୍ତୁ । ।<br>▪ **ମହିଷା ରୋଗ:** ଏହି ରୋଗର ଲକ୍ଷଣ ଦେଖାଦେଲେ ପ୍ରତି ଡ୍ରମ୍ ପିଛା (୧୫ ଲିଟର ପାଣିରେ) ୬ ଗ୍ରାମ ଟେବୁକୋନାଜୋଲ ୫୦% ଓ ଟ୍ରାଇଫ୍ଲୋକ୍ସିଷ୍ଟ୍ରୋବିନ ୨୫% ଡବ୍ଲୁ ଜି ର ମିଶ୍ରିତ ଫିମ୍ପିନାଶକ କିମ୍ବା ୨୫ ମିଲିଗ୍ରାମ ଆଇସୋପ୍ରୋଥିଓଲେନ ୪୦% ଇ.ସି କିମ୍ବା ୨୫ ଗ୍ରାମ କାର୍ବେନଡାଜିମ୍ ୫୦% ଡବ୍ଲୁ.ପି କିମ୍ବା ୧୫ ମିଲି ହେକ୍ସାକୋନାଯୋଲ୍ ୫% ଇସି କୁ ମିଶ୍ରଣ କରି ସିଞ୍ଚନ କରନ୍ତୁ । |
| **ମୁଗ ଓ ବିରି**<br>**(ଫୁଲ ରୁ ଛୁଇଁ ବାହାରିବା ଅବସ୍ଥା)** | **ଜଳସେଚନ:** ବର୍ତମାନ ମୁଗ ଓ ବିରିରେ ଫୁଲ ରୁ ଛୁଇଁ ଧରିବା ସମୟ । ତେଣୁ ମୁଗ ଓ ବିରି ଫସଲରେ ଜଳର ଆବଶ୍ୟକତା ପାଇଁ ଏହା ସଙ୍କଟଜନକ ସମୟ । ଏହି ସମୟରେ ଜମିରେ ଜଳର ଅଭାବ ହେବା ଉଚିତ ନୁହଁ ।<br>▪ **ସାହେବୀ ରୋଗ :** ବର୍ତ୍ତମାନ୍ ପାଗରେ ଶୋଷକ ପୋକ ଯଥା ଧଳା ମାଛି ଦ୍ବାରା ସାହେବୀ ରୋଗ ବ୍ୟାପିଥାଏ । । ନିୟନ୍ତ୍ରଣ ପାଇଁ ଏକର ପିଛା ୮ ଟି ଅଠା ଲାଗିଥିବା ହଳଦିଆ ଜନ୍ତା (Yellow Sticky Trap) ଲଗାନ୍ତୁ। ସଂକ୍ରମିତ ଗଛକୁ ଅପାଡି ଦୂରରେ ମାଟି ତଳେ ପୋତି ଦିଅନ୍ତୁ । ସଂକ୍ରମଣର ପ୍ରାଥମିକ ଅବସ୍ଥାରେ ୫ ମି.ଲି ନିମ୍ବ ତେଲ ଆଧାରିତ କୀଟନାଶକ ଆଜାଡିରାକ୍ଟିନ୍ ୦.୦୩% (୩୦୦ ପିପିଏମ୍) କୁ ୧ ଲିଟର ପାଣିରେ ମିଶ୍ରଣ କରି ସିଞ୍ଚନ କରନ୍ତୁ। ରାସାୟନିକ ଉପାୟରେ ନିୟନ୍ତ୍ରଣ ପାଇଁ ଡ୍ରମ୍ ପିଛା (୧୫ ଲିଟର ପାଣିରେ) ୪ ମିଲିଗ୍ରାମ ଇମିଡାକ୍ଲୋପ୍ରିଡ୍ ୧୭.୮% ଏସ.ଏଲ କିମ୍ବା ୩ ଗ୍ରାମ ଥାୟାମିଥୋକ୍ସଯାମ୍-୨୫% ଡବ୍ଲୁଜି କିମ୍ବା ୩୫ ମିଲିଗ୍ରାମ କ୍ଲୋରୋପାଇରିଫୋସ୍ ୨୦% ଇ.ସି କୁ ମିଶ୍ରଣ କରି ସିଞ୍ଚନ କରନ୍ତୁ । |
| **ଚଣା/ବୁଟ**<br>**(ଛୁଇଁ ବାହାରିବା ରୁ ପାକଳ ଅବସ୍ଥା )** | ▪ **ଛୁଇଁ ବିନ୍ଧା ପୋକ:** ପୋକ ସଂଖ୍ୟା କୁ ନିରୀକ୍ଷଣ ଏବଂ ନିୟନ୍ତ୍ରଣ କରିବା ପାଇଁ ଏକର ପ୍ରତି ୮ ଟି ହେଲି ଲିଅର୍ ବିଶିଷ୍ଟ ସଙ୍ଗ ଆକର୍ଷକ ଯନ୍ତା (ଫେରୋମନ ଟ୍ରାପ) ଲଗାନ୍ତୁ ଏବଂ ତିନି ସପ୍ତାହ ପରେ ଲିଅର୍ କୁ ବଦଳାଇ ଦିଅନ୍ତୁ।<br>▪ **ଧୂଆଁପତ୍ର ଗୋଟି ପୋକ:** ପୋକ ସଂଖ୍ୟା କୁ ନିରୀକ୍ଷଣ ଏବଂ ନିୟନ୍ତ୍ରଣ କରିବା ପାଇଁ ଏକର ପ୍ରତି ୮ ଟି ସ୍ପୋଡୋ ଲିଅର୍ ବିଶିଷ୍ଟ ସଙ୍ଗ ଆକର୍ଷକ ଯନ୍ତା (ଫେରୋମନ ଟ୍ରାପ) ଲଗାନ୍ତୁ ଏବଂ ତିନି ସପ୍ତାହ ପରେ ଲିଅର୍ କୁ ବଦଳାଇ ଦିଅନ୍ତୁ। |
| **ସୋରିଷ**<br>**(ଛୁଇଁ ବାହାରିବା ରୁ ପାକଳ ଅବସ୍ଥା)** | ▪ **ପତ୍ର ଛନ୍ଦା ଓ ଠିକିରି ପିଠିଆ ପ୍ରଜାପତି ପୋକ:** ଫସଲର ଏହି ଅବସ୍ଥାରେ ପତ୍ର ଛନ୍ଦା ଓ ଠିକିରି ପିଠିଆ ପ୍ରଜାପତି ପୋକ ଦେଖା ଯିବାର ସମ୍ଭାବନା ରହିଛି । ଲକ୍ଷଣ ଦେଖାଦେଲେ ଏକର ପ୍ରତି ୮୦ ରୁ ୯୦ ଗ୍ରାମ ଇମାମେକ୍ଟିନ୍ ବେନଜୋଏଟ୍ ୫% ଏସ.ଜି କୁ ୨୦୦ ଲିଟର ପାଣିରେ ମିଶ୍ରଣ କରି ସିଞ୍ଚନ କରନ୍ତୁ। |
| **ଚିନାବାଦାମ**<br>**(ଫୁଲ ରୁ ପାକଳ ଅବସ୍ଥା)** | ▪ **ଜଳସେଚନ:** ଫୁଲ ଧରିବା ଓ ଫଳ ହେବା ଅବସ୍ଥା ଜଳର ଆବଶ୍ୟକତା ପାଇଁ ସଙ୍କଟଜନକ ସମୟ । ଏହି ସମୟରେ ଫସଲରେ ଜଳସେଚନର ବ୍ୟବସ୍ଥା କରନ୍ତୁ ।<br>**ରୋଗ ଓ ପୋକ ପରିଚାଳନା:**<br>▪ **ଧଳାମାଛି/ ଜଉ/ ପତ୍ର ଡିଆଁ ପୋକ/ ଉକୁଣିଆ ପୋକ:** ଶୋଷକ କୀଟ ସମୂହର ନିୟନ୍ତ୍ରଣ ପାଇଁ ଏକର ପ୍ରତି ୮ ଟି ଅଠା ଲାଗିଥିବା ହଳଦିଆ ରଙ୍ଗର ଯନ୍ତା ବା କାର୍ଡ ଏବଂ ଉକୁଣିଆ ପୋକର ନିୟନ୍ତ୍ରଣ ପାଇଁ ଏକର ପ୍ରତି ୮ ଟି ଅଠା ଲାଗିଥିବା ନୀଳ ରଙ୍ଗର ଯନ୍ତା ବା କାର୍ଡ କୁ କୁ ଜମିରେ ଫସଲର ଅଙ୍ଗୀୟ ଅବସ୍ଥାରେ ଲଗାନ୍ତୁ । ରସାୟନିକ ଉପାୟରେ ନିୟନ୍ତ୍ରଣ ପାଇଁ ୧ ଗ୍ରା. ଥିଓମେଥୋକ୍ସମ୍ ୨୫% ଡବ୍ଲୁ.ଜି କିମ୍ବା ୧.୫ ମି.ଲି. ଇମିଡାକ୍ଲୋପ୍ରିଡ ୧୭.୮% ଏସ.ଏଲ. କୁ ପ୍ରତି ପାଞ୍ଚ ଲିଟର ପାଣିରେ ମିଶ୍ରଣ କରି ସିଂଚନ କରନ୍ତୁ।<br>▪ **ଧୂଆଁପତ୍ର ଗୋଟି ପୋକ:** ପ୍ରତିକାର ପାଇଁ ଏକର ପ୍ରତି ୮ ଟି ସ୍ପୋଡୋ ଲିଓର ଲାଗିଥିବା ଫେରୋମୋନ ଟ୍ରାପ୍ ବା ସଙ୍ଗ ଆକର୍ଷକ ଜନ୍ତା ଲଗାନ୍ତୁ ଏବଂ ତିନି ସପ୍ତାହ ପରେ ଲିଓର କୁ ବଦଳାଇ ଦିଅନ୍ତୁ । |

| | |
|---|---|
| | ▪ **ଟୀକା:** ଚିନାବାଦାମ ଫସଲରେ ଟୀକା ରୋଗର ଲକ୍ଷଣ ଦେଖା ଦେଲେ ପରିଚାଳନା ପାଇଁ ୪୦୦ଗ୍ରାମ କ୍ଲୋରୋଥାଲୋନିଲ ୭୫% ଡବ୍ଲୁ.ପି କିମ୍ବା ୩୦୦ ମି.ଲି ହେକ୍ସାକୋନାଜଲ ୫% ଇ.ସି କିମ୍ବା ୬୦୦ ଗ୍ରାମ ମାଙ୍କୋଜେବ ୭୫% ଡବ୍ଲୁ.ପି ଆଦି ଫିମ୍ପିନାଶକ କୁ ଏକର ପ୍ରତି ୨୦୦ ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ |
| **ଉଦ୍ୟାନ କୃଷି** | |
| **ଲଙ୍କା**<br>**(ଫୁଲ ରୁ ଫଳ ଅବସ୍ଥା)** | **ରୋଗ ଓ ପୋକ ପରିଚାଳନା:**<br>▪ **ଫଳସଢା ଓ ଅଗମରା ରୋଗ:** ଲଙ୍କା ଗଛରେ ବର୍ତ୍ତମାନ୍ ଅବସ୍ଥାରେ ଏବଂ ଏହିପାଗରେ ଫଳସଢା ଓ ଅଗମରା ରୋଗ ଦେଖା ଦେବାର ସମ୍ଭାବନା ରହିଛି। ପ୍ରତିଷେଧକ ରୂପେ ପ୍ରତି ଏକ ଲିଟର ପାଣିରେ ୨ ମିଲି କିଟାଜିନ୍ ୪୮% ଇସି କିମ୍ବା ୧ ମିଲି ଆଯୋକ୍ସିଷ୍ଟ୍ରୋବିନ୍ ଓ ଟେବୁକୋନାଯୋଲ୍ ୧୮.୩% ଏସ.ସି ର ମିଳିତ ଫିମ୍ପିନାଶକ କୁ ମିଶ୍ରଣ କରି ସିଞ୍ଚନ କରନ୍ତୁ। ଏହି ଫିମ୍ପିନାଶକ କୁ ଥରେ ଫୁଲ ଆସିବା ପ୍ରାରମ୍ଭରେ ଏବଂ ଥରେ ଫଳ ଧରିବା ସମୟରେ ସ୍ପ୍ରେ କରନ୍ତୁ । |
| **ପିଆଜ**<br>**(ଅଙ୍ଗୀୟ ରୁ ଆକାର ବୃଦ୍ଧି ଅବସ୍ଥା)** | ▪ **ଜଳ ପରିଚାଳନା:** ବର୍ତ୍ତମାନ୍ ପାଗ ଶୁଖିଲା ରହୁଥିବାରୁ ପ୍ରତି ୧୦ ଦିନ ବ୍ୟବଧାନରେ ଜଳସେଚନ କରନ୍ତୁ।<br>**ଖାଦ୍ୟସାର ପରିଚାଳନା:** ମୁଖ୍ୟ ଜମିରେ ପିଆଜ ୭-୮ ସପ୍ତାହର ହୋଇଗଲେ କୋଡ଼ା ଖୋସା କରି ଘାସ ବାଛି ଦିଅନ୍ତୁ ଓ ଏକରକୁ ୨୩ କି.ଗ୍ରା ୟୁରିଆ ସାର ପ୍ରୟୋଗ କରି ଜଳସେଚନ କରନ୍ତୁ ।<br>**ବାଦାମୀ ବ୍ଲୋଚ୍ (ପରପଲ ବ୍ଲୋଚ୍) :** ଏହି ରୋଗର ନିୟନ୍ତ୍ରଣ ପାଇଁ ଡାଇଫେନୋକୋନାଜୋଲ୍ ୨୫% ଇ.ସି କିମ୍ବା ଟେବୁକୋନାଜୋଲ୍ ୨୫.୯% ଇ.ସି କିମ୍ବା କିଟାଜିନ୍ ୪୮% ଇ.ସି କୁ ୧ ମିଲିଗ୍ରାମ ହିସାବରେ ପ୍ରତି ଏକ ଲିଟର ପାଣିରେ ମିଶ୍ରଣ କରି ସିଞ୍ଚନ କରନ୍ତୁ । ପିଆଜ ଗଛର ପତ୍ର ଅଧିକ ଚିକ୍କଣ ହୋଇଥିବାରୁ ଔଷଧ ସହିତ ପ୍ରତି ଏକ ଲିଟର ପାଣିରେ ୦.୫ ରୁ ୧ ମିଲିଗ୍ରାମ ଷ୍ଟିକର୍ କିମ୍ବା ସ୍ପ୍ରେଡ଼ର ମିଶାଇ ସିଞ୍ଚନ କରନ୍ତୁ । |
| **ବାଇଗଣ**<br>**(ଅଙ୍ଗୀୟ ରୁ ଫଳ ଅବସ୍ଥା)** | ▪ **ଧଳା ମାଛି:** ନିୟନ୍ତ୍ରଣ ପାଇଁ ଅଙ୍ଗୀୟ ଅବସ୍ଥାରେ ଏକର ପ୍ରତି ୮-୧୦ ଟି ଅଠା ଲାଗିଥିବା ହଳଦିଆ ଯନ୍ତା ବ୍ୟବହାର କରନ୍ତୁ । ସଂକ୍ରମିତ ହେବାର ପ୍ରଥମ ଅବସ୍ଥାରେ ୩୦ ମି.ଲି ନିମ୍ବ ଆଧାରିତ କୀଟନାଶକ (ଆଯାଡିରାକଟିନ୍ ୧୫୦୦ ପିପିଏମ୍ ) କୁ ପ୍ରତି ୧୦ ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ। |
| **ଆମ୍ବ**<br>**(ଫୁଲ ଅବସ୍ଥା)** | **ରୋଗ ଓ ପୋକ ପରିଚାଳନା:**<br>▪ **ଆମ୍ବ ଡାହାଣୀ ପୋକ:** ବର୍ତ୍ତମାନ୍ ପାଗରେ ଏହି ପୋକ ଦ୍ରୁତ ଗତିରେ ବଂଶ ବିସ୍ତାର କରିଥାଏ। ପ୍ରାଥମିକ ଅବସ୍ଥାରେ ନିୟନ୍ତ୍ରଣ ପାଇଁ ଆଯାଡିରକ୍ଟିନ ୦.୦୩% (୩୦୦ ପିପିଏମ୍) କୁ ଏକ ଲିଟର ପାଣିରେ ୫ ମିଲିଗ୍ରାମ ହିସାବରେ ମିଶ୍ରଣ କରି ସିଞ୍ଚନ କରନ୍ତୁ। ଯଦି ପେଣ୍ଡା ପିଛା ୪ ରୁ ଅଧିକ ଡାହାଣୀ ପୋକ ଦେଖା ଯାଆନ୍ତି ତେବେ ନିୟନ୍ତ୍ରଣ ପାଇଁ ଡ୍ରମ୍ ପିଛା (୧୫ ଲିଟର ପାଣିରେ) ୪ ମିଲିଗ୍ରାମ ଇମିଡାକ୍ଲୋପ୍ରିଡ୍ ୧୭.୮% ଏସ.ଏଲ କିମ୍ବା ୩ ଗ୍ରାମ ଥାୟାମିଥୋକ୍ସଯାମ୍-୨୫% ଡବ୍ଲୁ.ଜି କିମ୍ବା ୧୦ ମିଲି ଡାଇମିଥୋଏଟ୍ ୩୦% ଇସି କୁ ମିଶ୍ରଣ କରି ସିଞ୍ଚନ କରନ୍ତୁ ।<br>▪ **ପାଉଁଶିଆ ରୋଗ:** ବର୍ତ୍ତମାନ୍ ପାଗରେ ଆମ୍ବ ବଉଳ ପାଉଁଶିଆ ରୋଗ ଦ୍ୱାରା ଆକ୍ରାନ୍ତ ହୋଇପାରେ। ନିରାକରଣ ପାଇଁ ପ୍ରତି ଏକ ଲିଟର ପାଣିରେ ୧ ମିଲିଗ୍ରାମ ହେକ୍ସାକୋନାଯୋଲ ୫% ଇସି ଏବଂ ୦.୫ ମିଲି ଷ୍ଟିକର୍ ମିଶାଇ ସିଞ୍ଚନ କରନ୍ତୁ। |
| **ଗୃହ ପାଳିତ ପଶୁ ଓ ପକ୍ଷୀ ପାଳନ** | |
| **ଗାଈ ଓ ମଇଁଷି** | ▪ ଦିନରେ ମଧ୍ୟମ ତାପମାତ୍ରା ଓ ରାତିରେ ଥଣ୍ଡା ପାଗ ଗାଈମାନଙ୍କର ଶ୍ୱାସନଳୀ ରୋଗ ଓ ମାଷ୍ଟାଇଟିସ୍ ବଢ଼ାଇପାରେ। ତେଣୁ ରାତିରେ ଗୁହାଳ ଭିତରକୁ ଥଣ୍ଡା ପବନର ପ୍ରବେଶ କୁ ରୋକନ୍ତୁ ଓ ଗୁହାଳକୁ ଶୁଖିଲା ରଖନ୍ତୁ। |
| **ଛେଳି ଓ ମେଣ୍ଢା** | ▪ ଦିନ ଓ ରାତିର ତାପମାତ୍ରା ରେ ଅଧିକ ବ୍ୟବଧାନ ରହିଲେ ଛେଳି ଓ ମେଣ୍ଢା ମାନେ ନିମୋନିଆ ଓ ଡାଏରିଆରେ ପଡ଼ିପାରନ୍ତି । ତେଣୁ ରାତିରେ ସୁରକ୍ଷିତ ଆଶ୍ରୟ ଓ ନିୟମିତ ଟିକାକରଣ ସହ କୃମିନାଶକ ଔଷଧ ଦିଅନ୍ତୁ । |
| **କୁକୁଡ଼ା** | ▪ ଥଣ୍ଡା ରାତି ଓ ମଧ୍ୟମ ଆର୍ଦ୍ରତାରେ କୁକୁଡ଼ା ମାନଙ୍କର CRD ଭଳି ଶ୍ୱାସନଳୀ ରୋଗ ବଢ଼ିପାରେ, ତେଣୁ କୁକୁଡ଼ା ରଖୁଥିବା ଘରେ ଥଣ୍ଡା ପବନ ନ ଲାଗିବା ପରି ବାୟୁ ଚଳାଚଳର ବ୍ୟବସ୍ଥା କରିବା ସହ ଓ ଲିଟର ଯଥା ଚଟଣାରେ ବିଚାଯାଇଥିବା ଚଷୁକୁ ଶୁଖିଲା ରଖନ୍ତୁ। |

ନୋଡାଲ ଅଫିସର

ଗ୍ରାମୀଣ କୃଷି ମୌସମ ସେବା , ଭବାନୀପାଟଣା

ବି.ଦ୍ର.:- ସ୍ଥାନୀୟ ପାଣିପାଗ ସମ୍ବନ୍ଧୀୟ ତଥ୍ୟ ପାଇଁ "ମଉସମ", ପାଣିପାଗ ଭିତିକ କୃଷି ସୂଚନା ପାଇଁ "ମେଘଦୂତ" ଓ ବିଜୁଳି ସତର୍କ ସୂଚନା ପାଇଁ "ଦାମିନୀ" ମୋବାଇଲ ଆପ୍ଲିକେସନ ବ୍ୟବହାର କରନ୍ତୁ।

କୃଷିରେ ଅଧିକତର ଲାଭ ନିମନ୍ତେ ଓୟୁଏଟି କଳିଙ୍ଗ ଦ୍ରବ୍ୟ ବ୍ୟବହାର କରନ୍ତୁ (ବିହନ, ଚାରା ଓ ଗୁଣାତ୍ମକ ବୃକ୍ଷରୋପଣ ସାମଗ୍ରୀ, ଟିସୁ କଲ୍ଚର ଚାରା, ଫଳ ଓ ପନିପରିବା, ମୂଲ୍ୟଯୁକ୍ତ ଉତ୍ପାଦ , ଅଙ୍ଗୁଳିକା ଯାଆଁଳ/ ବର୍ଷିକୀୟା ଯାଆଁଳ, କୁକୁଡ଼ା ଚିଆଁ, ପଶୁ ପ୍ରଜାତି, ଛତୁ ଓ ମଞ୍ଜି , ଜୀବାଣୁ ସାର , ଜୈବିକ କୀଟନାଶକ , ଜିଆ ଓ ଜିଆଖତ ଏବଂ କୃଷି ଯନ୍ତ୍ରପାତି).

ଭାରତୀୟ ପାଣିପାଗ ସଂସ୍ଥା ର ପାଣିପାଗ ଆକଳନ ଓ କୃଷିପାଣିପାଗ ଜନିତ ସୂଚନା ଏବେ ଉଭୟ ଓଡ଼ିଆ ଓ ଇଂରାଜୀ ଭାଷାରେ ମେଘଦୂତ ଆପ ରେ ଉପଲବ୍ଧ । ଆପ ଡାଉନଲୋଡ କରିବା ପାଇଁ ନିମ୍ନ ଲିଙ୍କରେ କ୍ଲିକ କରନ୍ତୁ ।

**(Android: https://play.google.com/store/apps/details?id=com.aas.meghdoot), (iOS: https://apps.apple.com/in/app/meghdoot/id1474048155)**